# ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଚାଷୀ ପଞ୍ଜୀକରଣ ସମୟ ବଢ଼ିଲା

**ଅଗଷ୍ଟ ୫ ଯାଏ ଚାଷୀ ବୀମାଭୁକ୍ତ ହୋଇପାରିବେ**

ଭୁବନେଶ୍ୱର,୨/୮(ଇମିସ): ଚଳିତ ଖରିଫରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଚାଷୀମାନଙ୍କୁ ବୀମାଭୁକ୍ତ କରିବା ପାଇଁ ସମୟସୀମା ଅଗଷ୍ଟ ୫ ତାରିଖ ଯାଏ ବୃଦ୍ଧି କରାଯାଇଛି। ଯେଉଁ ଚାଷୀମାନେ ବୀମାଭୁକ୍ତ ହୋଇପାରି ନାହାନ୍ତି, ସେମାନେ ସେମାନଙ୍କ ଫସଲ ନିମନ୍ତେ ଆସନ୍ତା ୫ ତାରିଖ ଯାଏ ବୀମା କରିପାରିବେ। କେନ୍ଦ୍ର କୃଷି ମନ୍ତ୍ରଣାଳୟ ପକ୍ଷରୁ ଆଜି ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗକୁ ଏ ସମ୍ପର୍କରେ ଅବଗତ କରାଯାଇଛି।

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଜୁଲାଇ ୩୧ ତାରିଖ ଶେଷ ତାରିଖ ଥିଲା ବେଳେ କୋଭିଡ୍-୧୯ ସ୍ଥିତି ଓ ଅନ୍ୟାନ୍ୟ କାରଣ ଯୋଗୁ ଅନେକ ଚାଷୀ ବୀମାଭୁକ୍ତ ହୋଇପାରୁ ନାହାନ୍ତି। ଏ ସମ୍ପର୍କରେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଭାରତ ସରକାରଙ୍କ ପକ୍ଷରୁ ବୀମାର ସମୟସୀମା ବୃଦ୍ଧି କରିବାକୁ ପଦକ୍ଷେପ ନେବା ନିମନ୍ତେ ଅନୁରୋଧ କରିଥିଲେ। ଗତ ଜୁଲାଇ ୩୦ ତାରିଖରେ ମୁଖ୍ୟ ଶାସନ ସଚିବ ଓ ୩୧ ତାରିଖରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ କେନ୍ଦ୍ର ସରକାରଙ୍କୁ ସମୟସୀମା ବୃଦ୍ଧି କରିବା ନିମନ୍ତେ ଅନୁରୋଧ କରି ପତ୍ର ଲେଖିଥିଲେ।

କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଚାଷୀ ବୀମାଭୁକ୍ତ ହେବାର ସମୟସୀମା ଅଗଷ୍ଟ ୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯିବା ସହ ସଂପୃକ୍ତ ବୀମା କମ୍ପାନିଗୁଡ଼ିକ ଚାଷୀଙ୍କ ଠାରୁ ଦରଖାସ୍ତ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଅଗଷ୍ଟ ୨ ରୁ ୫ ତାରିଖ ପର୍ଯ୍ୟନ୍ତ ବୀମା କମ୍ପାନିମାନେ ସମସ୍ତ ଦରଖାସ୍ତ ଗ୍ରହଣପୂର୍ବକ ଏ ଦିଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଫସଲବୀମା ସମୟସୀମା ବୃଦ୍ଧି ପାଇବା ପରେ ଆଜି ପୂର୍ବାହ୍ନରେ କୃଷି ବିଭାଗର ପ୍ରମୁଖ ଶାସନ ସଚିବ, ସମବାୟ ବିଭାଗର ସଚିବ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ, ସମବାୟ ସମିତି ସମୂହ ନିବନ୍ଧକ, ଡିଆର୍‌ସିଏସ୍, ଏଆର୍‌ସିଏସ୍, କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସିଇଓ ଏବଂ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀମାନଙ୍କର ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଥିଲା। ଏକ ସ୍ୱତନ୍ତ୍ର ଅଭିଯାନ ଜରିଆରେ ରାଜ୍ୟରେ ବୀମାଭୁକ୍ତ ହୋଇ ନ ଥିବା ଚାଷୀଙ୍କୁ ବର୍ଦ୍ଧିତ ସମୟସୀମା ମଧ୍ୟରେ ବୀମାଭୁକ୍ତ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା।

## ପଞ୍ଜୀକରଣ ଅବଧି ୩୧ ଯାଏ ବଢ଼ାଇବାକୁ କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଉ: ବିଜେପି

ଭୁବନେଶ୍ୱର,୨/୮(ଇମିସ): ପ୍ରଧାନମନ୍ତ୍ରୀ ଫସଲ ବୀମା ପଞ୍ଜୀକରଣର ଅବଧି ଚଳିତ ଅଗଷ୍ଟ ମାସ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାର ପ୍ରସ୍ତାବ ଦେବା ନିମନ୍ତେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଓ ପୂର୍ବତନ ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତ ଦାବି କରିଛନ୍ତି। କେନ୍ଦ୍ର ସରକାର ନିଜ ତରଫରୁ ଗତ ୩୧ ତାରିଖରେ ରାଜ୍ୟ ସରକାରମାନଙ୍କୁ ପତ୍ର ଲେଖି ଏହି ସମୟ ସୀମାକୁ ଚଳିତ ମାସ ୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ଅବସରରେ ଶ୍ରୀ ପୁରୋହିତ କେନ୍ଦ୍ର କୃଷିମନ୍ତ୍ରୀ ଶ୍ରୀ ନରେନ୍ଦ୍ର ସିଂ ତୋମାର ଏବଂ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

ଗତ ଜୁଲାଇ ମାସ ୨୨ ତାରିଖ ଦିନ ଓଡିଶାର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମନ୍ୱୟ ବୈଠକରେ(ଏସ୍‌ଏଲ୍‌ସିସି) ପ୍ରସ୍ତାବ ପାରିତ ହେବା ପରେ ୨୩ ତାରିଖ ଦିନ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଫସଲ ବୀମା ସମ୍ବନ୍ଧିତ ବିଜ୍ଞପ୍ତି ଜାରି କରିଥିଲେ। ମାତ୍ର ରାଜ୍ୟର ପ୍ରାୟ ସମସ୍ତ ଅଞ୍ଚଳରେ କୋଭିଡ-୧୯ ଜନିତ କଟକଣା ଏବଂ ଲକ୍‌ଡାଉନ/ସଟ୍‌ଡାଉନ କାରଣରୁ ସମୟ ଅବଧି କମ୍ ପାଇଁ ପାଖାପାଖି ୬୦ ପ୍ରତିଶତ କୃଷକ ଫସଲ ବୀମା ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ବର୍ତ୍ତମାନ ଏହି ଅବଧି ୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଏହା ସତ୍ତ୍ୱେ ହାତରେ ମାତ୍ର ୩ ଦିନ ଥିବାରୁ ରାଜ୍ୟର ସମସ୍ତ କୃଷକ ଫସଲ ବୀମା ପଞ୍ଜୀକରଣ କରିବା ଆଦୌ ସମ୍ଭବ ନୁହେଁ। ତେଣୁ ରାଜ୍ୟ ସରକାର ତୁରନ୍ତ ରାଜ୍ୟସ୍ତରୀୟ ସମନ୍ୱୟ (ଏସ୍‌ଏଲ୍‌ସିସି) ବୈଠକ ବସାଇ ରାଜ୍ୟର କୃଷକଙ୍କ ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ସମୟସୀମାକୁ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେବା ନିମନ୍ତେ ରାଜ୍ୟ କୃଷି ମନ୍ତ୍ରୀଙ୍କ ନିକଟରେ ଶ୍ରୀ ପୁରୋହିତ ଦାବି କରିଛନ୍ତି।

# ଜର୍ମାନ ଛାତ୍ରୀଙ୍କ ହସ୍ତାକ୍ଷରରେ ଗଙ୍ଗାଧରଙ୍କ କବିତା

**ମଣୀନ୍ଦ୍ର କୁମାର ମେହେର**

## ଓଡ଼ିଆ ଅସ୍ମିତାର ଅନନ୍ୟ ଶ୍ରାବଣ

### ସ୍ୱଭାବ କବି ଗଂଗାଧର ମେହେରଙ୍କ ୧୫୮ତମ ଜୟନ୍ତୀ ଉପଲକ୍ଷେ

ଓଡ଼ିଶାର ସର୍ବପୁରାତନ ବିଶ୍ୱବିଦ୍ୟାଳୟ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗର ମୁଖ୍ୟ ଭାବରେ ଅବସ୍ଥାପିତ ଥିବାବେଳେ ଯେଉଁ ଚିରସ୍ମରଣୀୟ ଆନନ୍ଦମୟ ମୁହୂର୍ତ୍ତ ଅତିବାହିତ ହୋଇଯାଇଛି ତାକୁ ଜୀବନରେ କିପରି ବା ଭୁଲିପାରିବି! ବିଭାଗର ଛାତ୍ରଛାତ୍ରୀମାନଙ୍କ ଆନ୍ତରିକତାରେ ତ ଆପ୍ଲୁତ ହୋଇଛି ଏପରି ସହକର୍ମୀମାନଙ୍କ ସହାନୁଭୂତିଶୀଳତାରେ ଅଭିଭୂତ ହୋଇଛି ସେପରି। ଅନେକ ଘଟଣା ଯାହା ଲିପିବଦ୍ଧ ହୋଇ ରହିବାର ନିହାତି ଆବଶ୍ୟକ ତା' ମଧ୍ୟରେ ରହିଛି ଏହି ଲେଖାର ଶୀର୍ଷକରେ ବର୍ଣ୍ଣିତ ଅପୂର୍ବ ଅନୁଭୂତି।

ସେଇ ଛାତ୍ରୀ ଜଣଙ୍କର ନାମ ସୁଜାନେ। ଜର୍ମାନର ଏକ ବିଶ୍ୱବିଦ୍ୟାଳୟରେ ସେ ସଂସ୍କୃତ ଅଧ୍ୟୟନ କରୁଥିବା ନିମିତ୍ତ ସ୍ୱଭାବସଂପନ୍ନା ଶିକ୍ଷାର୍ଥୀନୀ। ତାଙ୍କର ଦିଗ୍‌ଦର୍ଶକ ହେଉଛନ୍ତି ଓଡ଼ିଶାର ଜଣେ ବିଶିଷ୍ଟ ସଂସ୍କୃତ ପ୍ରଫେସର। ସେଇ ଜର୍ମାନ ଦେଶରେ ଥାଇ କିଛି କିଛି ଓଡ଼ିଆ କହିବା ଶିଖିଯାଇଛନ୍ତି। ଓଡ଼ିଶାର ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ସାହିତ୍ୟକୁ ଉପଲବ୍ଧି କରିବା ସକାଶେ ତାଙ୍କର ଶୁଭାଗମନ ହୁଏ ଉତ୍କଳ ବିଶ୍ୱବିଦ୍ୟାଳୟକୁ। ଆମ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ସୁରେନ୍ଦ୍ର ନାରାୟଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆହୁରି ସୁନ୍ଦର ଭାବରେ ଶିଖିବା ଆରମ୍ଭ କଲେ ଓଡ଼ିଆ ଭାଷା। ବିଭାଗ ମୁଖ୍ୟ ଭାବରେ ମୋ ନିକଟକୁ ଆସି ଅଳ୍ପ ସମୟ ପାଇଁ ହେଲେ ମଧ୍ୟ ବସନ୍ତି ମୋ ପାଖରେ। କଥାବାର୍ତ୍ତା କରନ୍ତି ଅତ୍ୟନ୍ତ ଧୀର ଓ ବିନୀତ କଣ୍ଠରେ। ଭାଷା କହନ୍ତି ଓଡ଼ିଆ। ଯେଉଁ କଥା ସ୍ପଷ୍ଟ ଭାବରେ ସେ ବୁଝି ନପାରନ୍ତି ତାକୁ ଇଂରାଜୀରେ ବୁଝାଇ ଦେବା ମାତ୍ରକେ ଭାବପ୍ରବଣ କରିଦିଅନ୍ତି ଅକ୍ଳେଶରେ। ଓଡ଼ିଆ ଶବ୍ଦଗୁଡ଼ିକ ରହି ରହି ବସାଇ ବସାଇ ମୁଁ କହେ ତାଙ୍କୁ, ଯାହା ଫଳରେ ସେ ଭାବବିନିମୟ ପାଇଁ ହେବେ ସକ୍ଷମ।

ମୋ ଟେବୁଲ ଉପରେ ସର୍ବଦା ରହିଥାଏ ଗଂଗାଧର ଗ୍ରନ୍ଥାବଳୀ। ସୁଜାନେଙ୍କ ଜାଣିବାର ଆଗ୍ରହ ଅମାପ। ଗ୍ରନ୍ଥାବଳୀ ଉପରେ ଆଖି ପଡ଼ିଯିବା ମାତ୍ରକେ ସେ ଜାଣିବାକୁ ଚାହିଁଲେ କବିଙ୍କ ପରିଚୟ। ସ୍ୱଭାବକବିଙ୍କ କାବ୍ୟ କବିତା ଓ ଜୀବନୀ ସମ୍ପର୍କରେ ତାଙ୍କୁ କିଞ୍ଚିତ ଧାରଣା ଦେବା ପରେ ଆଖି ଦୁଇଟି ତାଙ୍କର ଦେଖାଗଲା ଆହୁରି ଉଜ୍ଜ୍ୱଳ। ମୁଁ ନିଜେ କହିଲି ଏହି ବହିଟି ନେଇଯାଅ ସାଙ୍ଗରେ ଆଉ ଗେଷ୍ଟ ହାଉସ୍‌ରେ ରହିବାବେଳେ ତାକୁ ନିରୋଳାରେ ପଢ଼ିବ। ଗଙ୍ଗାଧରଙ୍କ ଶ୍ରେଷ୍ଠ ତିନିଟି କବିତା ଭକ୍ତି, ମଧୁମୟ ଓ ଅମୃତମୟରେ ଚିହ୍ନ ଦେଇ ସେଠି କେବଳ ପଢ଼ିସାରି ମୋତେ ତୁମ ଅନୁଭୂତି କହିବ ବୋଲି କଲି ଅନୁରୋଧ। ଚାରି ପାଞ୍ଚଦିନ ବିତିଯିବା ପରେ ଗନ୍ଥାବଳିଟି ହାତରେ ଧରି ସେ ଆସିଲେ ମୋ ପ୍ରକୋଷ୍ଠକୁ। ଆମ ବିଭାଗର କେଉଁ ଛାତ୍ରଛାତ୍ରୀମାନେ ମୋ ପାଖରେ ଥାଆନ୍ତୁ ଉପସ୍ଥିତ ସେମାନଙ୍କ ସହିତ ସର୍ବଦା ପରିଚୟ କରାଇ ଦେଉଥିଲି ସୁଜାନେଙ୍କୁ। ସେଦିନ ପ୍ରତିଥର ଭଳି ବିନୟପୂର୍ଣ୍ଣ ନମସ୍କାର ଜଣାଇ ଆସନ ଗ୍ରହଣ କଲେ। ମୁଁ ପଚାରିଲି ଗଙ୍ଗାଧରଙ୍କ କବିତା ପଢ଼ିପାରିଲ କି? ସେ ଶବ୍ଦରେ କହିପାରିଲେ ନାହିଁ କୌଣସି କଥା। ସାରା ମୁହଁଟା ତାଙ୍କର ଏକ ଭିନ୍ନ ଆଲୋକରେ ଉଦ୍ଭାସିତ ହୋଇଉଠିଲା। ସେ ଯେଉଁ ହାତକୁ ତାଙ୍କର ନୋଟ ଖାତା କେତେବେଳେ ବଢ଼ାଇ ଦେଇଦେଲେ ସେଇ ମୁହୂର୍ତ୍ତରେ ଅନନ୍ୟ ଅନୁଭୂତିରେ ବିସ୍ମୟ ବିମୂଢ଼ ହୋଇ ରହିଗଲି କିଛିକ୍ଷଣ। ସୁଜାନେଙ୍କ ମୁହଁରେ ପ୍ରତିଫଳିତ ଆଲୋକ ତତ୍‌କ୍ଷଣାତ ପ୍ରବେଶ କଲା ମୋ ହୃଦୟ ମଧ୍ୟକୁ। ନୋଟ ଖାତାରେ ତାଙ୍କର ଦେଖିଲି ସେ ଗଙ୍ଗାଧରଙ୍କ ତିନିଟି ଯାକ କବିତାକୁ ନିଜ ହାତରେ ନିଖୁଣ ଓ ସୁନ୍ଦର ଅକ୍ଷରରେ ଲିପିବଦ୍ଧ କରିଦେଇଛନ୍ତି। ଆଶ୍ଚର୍ଯ୍ୟ ହୋଇଗଲି। ଏତେ ସୁନ୍ଦର ହୀରକ ଭଳି ଅକ୍ଷର। କି ପରିଚ୍ଛନ୍ନ! କି ପବିତ୍ର!! ଠିକ୍ ତାଙ୍କର ନିଷ୍କପଟ ହୃଦୟ ଓ ନିଷ୍ପାପ ମୁଖମଣ୍ଡଳଟି ପରି। ତା' ପରେ ସୁଜାନେଙ୍କ ଉଦ୍ଦେଶ୍ୟରେ ସକୃତଜ୍ଞ ଚିତ୍ତରେ ଅନାଇ ରହିଲି କ୍ଷଣଟିଏ, ଆଉ ତାଙ୍କର ଏହି ଶ୍ରେଷ୍ଠ କୃତିତ୍ୱ ପାଇଁ ଅଭିନନ୍ଦନ ଜଣାଇଲି ଉଚ୍ଛ୍ୱାସିତ ଭାବରେ। ମୋ କଥା ନିରବ ଭାବରେ ଶୁଣୁଥିବା ସୁଜାନେ ହସିହସି ତା'ପରେ ଆବୃତ୍ତି କରିବାକୁ ଲାଗିଲେ- 'ବିଶ୍ୱଜୀବନ ହେ ତୁମ୍ଭକୁ କରୁଣା ସିନ୍ଧୁ, ବୋଲିବାକୁ ମନ ବଳୁନାହିଁ ଯେଣୁ, ସିନ୍ଧୁ ତୁମ କୃପାବିନ୍ଦୁ।' ଏଇଭଳି ଅମୃତମୟ କବିତାର ଗୋଟିଏ ପଦ ମଧୁମୟ କବିତାର ଆଉ ଗୋଟିଏ ପଦ ପଙ୍‌କ୍ତି ଉଚ୍ଚାରଣ କଲେ ସେ ରହିରହି। ମନେପକାଇ ପକାଇ ଧୀରେ ଧୀରେ। ସମଗ୍ର ବାତାବରଣଟି ସେତେବେଳେ ଲାଗୁଥିଲା ଯେମିତି ହୋଇଉଠୁଛି ସଂଗୀତମୟ। ସୁଜାନେଙ୍କୁ କହିଲି- 'କ'ଣ ତିନିଟି ଯାକ କବିତା ସମ୍ପୂର୍ଣ୍ଣ କଣ୍ଠସ୍ଥ କରିପକାଇଲ?' ସେ ସଂକୋଚର ସହିତ ହସିହସି କହିଲେ, 'ନାଁ ସାର୍, ଟିକିଏ ଟିକିଏ କେବଳ।' ସୁଜାନେଙ୍କ ଏହି ଟିକିଏ ଓଡ଼ିଆ କବିତାର ଆବୃତ୍ତି ମୋ ହୃଦୟରେ ସଂଚାର କରୁଥିଲା ମହାସାଗରର ଦର୍ଶନାନୁଭୂତି। ଗଙ୍ଗାଧର କହିଛନ୍ତି- 'ମୁଁ ତ ଅମୃତ ସାଗର ସିନ୍ଧୁ।' ଜର୍ମାନରୁ ଆସିଥିବା ଏହି ସୁକୁମାରୀ ସୁଜାନେଙ୍କ ଅମୃତ ସିନ୍ଧୁ ବ୍ୟତୀତ ଆଉ କ'ଣ ବା ହୋଇପାରନ୍ତା! ତାଙ୍କ ସହିତ ହେଲା ଆଳାପ ଓ ଆଲୋଚନା। ପଚାରିଲି ତାଙ୍କ ପରିବାର ବିଷୟରେ। ସୁଜାନେ କହିଲେ, ଏହି ଭାରତରେ ଥିବାବେଳେ ଜର୍ମାନରେ ତାଙ୍କର ପିତାଙ୍କର ଅକାଳ ବିୟୋଗ ହୋଇଯାଇଛି। ବାପା ମାଆଙ୍କ ଏକମାତ୍ର ସନ୍ତାନ ସେ। ମା' ଜର୍ମାନରେ ଅଛନ୍ତି ସମ୍ପୂର୍ଣ୍ଣ ନିଃସଙ୍ଗ ହୋଇ। ଆଉ ଏ ପାଖରେ ଭାରତବର୍ଷର ଓଡ଼ିଶା ରାଜ୍ୟରେ ସୁଜାନେ ପିତୃ ବିୟୋଗର ଅସହ୍ୟ ବେଦନା ଛାତିରେ ଧରି ମାଆଙ୍କର ନିଃସଙ୍ଗତାକୁ ଅନୁଭବ କରି ତଥାପି ଅବିଚଳିତ ଭାବରେ ଅଧ୍ୟୟନ କରିଯାଇଛନ୍ତି ସଂସ୍କୃତ ଓ ଓଡ଼ିଆ ଭାଷା ସାହିତ୍ୟ। ମୁଁ ଅନାଇଲି ସମ୍ବେଦନଶୀଳ ଦୃଷ୍ଟି ନେଇ ତାଙ୍କ ଆଖିକୁ। ଧୀର ସ୍ୱରରେ କହିଲି, 'ଏଇଠି ଚିନ୍ତା କର ଯେ, ମୁଁ ହେଉଛି ତୁମର ବାପା।' ସେତିକି କହୁଁ କହୁଁ ଲକ୍ଷ୍ୟ କଲି ସୁଜାନେର ଦୁଇ ଆଖିରେ ଜକେଇ ଆସୁଛି ଅନ୍ତରର ଲୋତକ କଣା। ମୁଁ ବି ଭାବାଚ୍ଛନ୍ନ ହେଲି ଏହିପରି ଶେଷରେ। ସୁଜାନେ ସମ୍ପୂର୍ଣ୍ଣ ଶାକାହାରୀ। ପ୍ରତ୍ୟେକଙ୍କ ପ୍ରତି ତାଙ୍କର ସ୍ନେହ ଶ୍ରଦ୍ଧା ଓ ସମ୍ମାନ ଜ୍ଞାପନରେ ଭରି ରହିଥାଏ ମାର୍ଜିତ ଓ ପରିଶୀଳିତ ଆନ୍ତରିକତା ତଥା ଆତ୍ମୀୟତା।



ସୁଜାନେଙ୍କର ଜର୍ମାନ ଫେରିଯିବାର ସମୟ ନିକଟ ହୋଇଆସିଲା। ମୋ ପାଖରୁ ନେଇଥିବା ଗଙ୍ଗାଧର ଗ୍ରନ୍ଥାବଳୀଟି ଅକ୍ଷତ ଭାବରେ ସେ ମୋତେ ଫେରାଇ ଦେଲେ। ମୋ ହାତକୁ ବଢ଼ାଇ ଦେଲେ ତାଙ୍କର ଭିଜିଟିଂ କାର୍ଡ। କହିଲେ, ସାର୍! ମୁଁ ଏଥର ଫେରିଯିବି ମାଆଙ୍କ ପାଖକୁ। ସେ ମୋର ଉପସ୍ଥିତି ଚାହୁଁଛନ୍ତି ତାଙ୍କ ନିକଟରେ। ପୁଣି କେତେମାସ ପରେ ଆସିବି ଓଡ଼ିଶାକୁ।' ତାଙ୍କ କଥା ଶୁଣି ଓ ତାଙ୍କ ମୋବାଇଲ ଫୋନ୍‌ରେ ତାଙ୍କର ଘରର ସୁନ୍ଦର ପରିବେଶ ଦେଖି ମୁଁ ଦ୍ରବୀଭୂତ ହୋଇଯାଉଥାଏ। ମାଆ ତାଙ୍କର ଅପେକ୍ଷା କରିଛନ୍ତି ସମୁଦ୍ର ଆରପାରିରେ। ଗଙ୍ଗାଧର କହିଛନ୍ତି, ଜନକ ଜନନୀଙ୍କର ସ୍ନେହ ହେଉଛି ମଧୁର ନିର୍ଜର। ସେହି ନିର୍ଝର ନିକଟକୁ ପ୍ରତ୍ୟାବର୍ତ୍ତନ କରିବେ ସୁଜେନା। ମୋତେ ବିଦାୟ ବେଳାର ନମସ୍କାର ଜଣାଇ ମୋ ପ୍ରକୋଷ୍ଠରୁ ଧୀର ପଦକ୍ଷେପରେ ଚାଲିଯାଇ ଓହ୍ଲାଇଗଲେ ପାହାଚ ତଳକୁ। ଏହାରି ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଆସି ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଯୋଗ ଦେଇ ସାରିଛି ମୁଁ। କିନ୍ତୁ ସୁଜାନେଙ୍କ ସ୍ମୃତି ସଦା ସତେଜ ହୋଇ ରହିଛି ମୋ ଅନ୍ତରରେ। ଆଖିକୁ ମୋର ଦିଶିଯାଉଛି ତାଙ୍କର ସରଳ ସୁକୋମଳ ମୁଖମଣ୍ଡଳ ଆଉ ତା' ସହିତ ଗଙ୍ଗାଧରଙ୍କ କବିତାର ଆକର୍ଷଣୀୟ ହସ୍ତାକ୍ଷର। ସେ ବିଦାୟ ନେଇଯିବା ବେଳେ ମୋ ହୃଦୟ ମଧ୍ୟରେ ଧ୍ୱନିତ ହେଉଥିଲା ଗଙ୍ଗାଧରଙ୍କ ସେଇ ସଙ୍ଗୀତ- 'ବିଶ୍ୱ ଦେଖ ମଧୁମୟରେ ଜୀବନ, ବିଶ୍ୱଦେଖ ମଧୁମୟ'। ସୁଜାନେ ଜର୍ମାନ ଦେଶର ଆତ୍ମା ସହିତ ଭାରତମାତାର ଆତ୍ମାକୁ ସଂଯୁକ୍ତ କରିଦେବାର ଏକ ମହାନ ସଂକେତ। ଫ୍ଲାଇଟରେ ବସି ମହାସାଗର ଅତିକ୍ରମ କରୁଥିବା ବେଳେ ତାଙ୍କ ନୋଟ ଖାତାରୁ ହୁଏତ ସେ ଦେଖୁଥିବେ ଆଉ ପଢ଼ୁଥିବେ ଗଙ୍ଗାଧରଙ୍କ କବିତା। ତାଙ୍କ ହୃଦୟ ପିତୃ ବିୟୋଗର ଦୁଃଖରେ ବ୍ୟଥିତ ହୋଇଥିଲେ ମଧ୍ୟ ସୁନୀଳ ଆକାଶକୁ ଅନାଇ ସେ ଆବୃତ୍ତି କରୁଥିବେ ବିଶ୍ୱଜୀବନ ହେ ତୁମ୍ଭକୁ କରୁଣା ସିନ୍ଧୁ, ବୋଲିବାକୁ ମନ ବଳୁନାହିଁ- ଯେଣୁ ସିନ୍ଧୁ ତୁମ୍ଭ କୃପାବିନ୍ଦୁ। ଯେଉଁ ମହାସାଗରକୁ ଅତିକ୍ରମ କରୁଛନ୍ତି ସେ, ତାହା ପରମେଶ୍ୱରଙ୍କ କରୁଣାର ଏକ ବିନ୍ଦୁମାତ୍ର। ତା' ହେଲେ ଭଗବାନଙ୍କ କରୁଣା ବିଗଳିତ ହୃଦୟ କେତେ ବିସ୍ତାରିତ ତାହା କିଏ ବା କଳ୍ପନା କରିପାରେ? ସୁଜାନେ କବିତାର ଏହି ମର୍ମବାଣୀ ଉପଲବ୍ଧି କରୁଥିବେ ନିଜର ସାଧ୍ୟ ମତେ ନିଶ୍ଚିତ ଭାବରେ। ଗଙ୍ଗାଧର ଜୟନ୍ତୀ ପାଳନ ଅବସରରେ ଜର୍ମାନ ଝିଅ ସୁଜାନେଙ୍କ ହସ୍ତାକ୍ଷର ଆଉ ସ୍ମୃତିର ସୁକୁମାର ଉଚ୍ଚାରଣ ନିବିଡ଼ ଭାବରେ ବିମୋହିତ କରୁଛି ମୋ ଅନ୍ତଃସ୍ଥଳକୁ। ଏହି ସ୍ମୃତିଚାରଣ ଗଙ୍ଗାଧରଙ୍କ ପ୍ରତି ହେଉ ଆମର ଏକ ଶ୍ରେଷ୍ଠ ଶ୍ରଦ୍ଧାର୍ଘ୍ୟ।

ପ୍ରଫେସର ଓ ବିଭାଗମୁଖ୍ୟ
ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର
ମୋ:୯୯୩୭୩୬୫୬୯୮

# ହୋଟେଲ୍ ଶିଳ୍ପରେ ସୁଧ, ମୂଳ ପରିଶୋଧ ଉପରେ ୬ ମାସ ରୋକ୍

ଭୁବନେଶ୍ୱର,୨।୮(ଇମିସ): କରୋନା ଭୟାବହତା ଓ ଲକଡାଉନରେ ହୋଟେଲ୍ ଶିଳ୍ପ ପ୍ରଭୂତ କ୍ଷତି ସହିଥିବାରୁ ଏହାକୁ ଦୃଷ୍ଟିରେ ରଖି ସୁଧ ଓ ମୂଳ ପରିଶୋଧ ପାଇଁ ପ୍ରଥମେ ୩ ମାସ ରୋକ୍ ଲଗାଯାଇଥିବା ବେଳେ ଏହି ଅବଧି ୬ ମାସକୁ ବୃଦ୍ଧି ପାଇଛି। ହୋଟେଲ୍ ଶିଳ୍ପକୁ ବଞ୍ଚାଇ ରଖିବା କ୍ଷେତ୍ରରେ ଏହା ଅନେକାଂଶରେ ସହାୟକ ହେବ। ତେଣୁ ଏନେଇ ହୋଟେଲ୍ ଓ ରେସ୍ତୋରାଁ ଆସୋସିଏସନ୍ ଅଫ୍ ଓଡ଼ିଶା ପକ୍ଷରୁ ଚେୟାରମ୍ୟାନ୍ ଜେ.କେ ମହାନ୍ତି ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଶ୍ରୀ ମହାନ୍ତି କହିଛନ୍ତି, ହୋଟେଲ୍ ଆସୋସିଏସନ ଅଫ୍ ଇଣ୍ଡିଆର ସଭାପତି ପୁନିତ୍ ଛଟୱାଲ୍‌ଙ୍କ ନେତୃତ୍ୱରେ ହୋଟେଲ୍ ଶିଳ୍ପକୁ ବଞ୍ଚେଇ ରଖିବା ନେଇ ସହଯୋଗ ଲୋଡ଼ାଯାଇଛି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକମାତ୍ର ନିଷ୍ପତ୍ତି ହୋଟେଲ୍ ଶିଳ୍ପକୁ ବଞ୍ଚାଇ ରଖିବାରେ ସହାୟକ ହୋଇପାରିବ। ଯଦିଓ ୬ ମାସ ପର୍ଯ୍ୟନ୍ତ ସୁଧ ଓ ମୂଳ ପରିଶୋଧ ଉପରେ ରୋକ୍ ଲଗାଯାଇଛି, ତେବେ ୨୦୨୧ ମାର୍ଚ୍ଚ ପର୍ଯ୍ୟନ୍ତ ସ୍ଥିତିରେ ସୁଧାର ଆସିବ ନାହିଁ। ତେଣୁ ଅନ୍ତତଃ ଏ ପର୍ଯ୍ୟନ୍ତ ସୁଧ ଓ ମୂଳ ପରିଶୋଧରେ ରୋକ୍ ଲଗାଯିବାର ଆବଶ୍ୟକତା ରହିଛି। ଏବେ ହୋଟେଲ୍ ଶିଳ୍ପ ପ୍ରାୟତଃ ବନ୍ଦ ରହିଥିବାରୁ କୌଣସି ଆୟ ନାହିଁ। ଏପରିକି କର୍ମଚାରୀଙ୍କୁ ଦରମା ଦେବା ମଧ୍ୟ ସମ୍ଭବ ହେଉନାହିଁ। ୨୦୨୦ ଏପ୍ରିଲ୍‌ରୁ କର୍ମଚାରୀମାନେ ଦରମା ପାଇନଥିବା ବେଳେ ୨୦୨୧ ମସିହା ପର୍ଯ୍ୟନ୍ତ ଦରମା ଦେବା ସମ୍ଭବ ହେବ ନାହିଁ। ତେଣୁ ଏହାକୁ ଦୃଷ୍ଟିରେ ରଖି ସୁଧ ଛାଡ଼ କରାଗଲେ ଏବଂ ମୂଳ ପରିଶୋଧ ସମୟସୀମାକୁ ୨୦୨୧ ମାର୍ଚ୍ଚ ପର୍ଯ୍ୟନ୍ତ ବୃଦ୍ଧି କରିପାରିଲେ, ଏହା ହୋଟେଲ୍ ଶିଳ୍ପକୁ ବଞ୍ଚାଇ ରଖିବାରେ ସହାୟକ ହୋଇପାରିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

# ଋଣ ଭାର ସହି ନପାରି ଜୀବନ ହାରିଲେ ଚାଷୀ

ଭଦ୍ରକ/ଅସୁରାଳି,୨/୮(ଇମିସ): ଋଣ ଶୁଝି ନ ପାରି ଭଦ୍ରକ ଗ୍ରାମାଞ୍ଚଳ ଥାନା ରାଜୁଆଲିବିନ୍ଧା ଗ୍ରାମର ଚାଷୀ ମହେନ୍ଦ୍ର ଦାସ ଆତ୍ମହତ୍ୟା କରିଛନ୍ତି। ଗତକାଲି ବିଳମ୍ବିତ ରାତିରେ ଘରେ ସମସ୍ତେ ଶୋଇପଡିବା ପରେ ମହେନ୍ଦ୍ର ନିଜ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଆଜି ସକାଳେ ପରିବାର ଲୋକଙ୍କଠୁ ଖବର ପାଇବା ପରେ ପୁଲିସ ଘଟଣାସ୍ଥଳରୁ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ଡାକ୍ତରଖାନା ପଠାଇଛି।

ପରିବାର ଲୋକଙ୍କ ସୂଚନା ମୁତାବକ, ଚାଷକାମ ତଥା କରୋନା ସମୟରେ ଘର ଚଳାଇବା ପାଇଁ ମହେନ୍ଦ୍ର ସ୍ଥାନୀୟ ଅଞ୍ଚଳର ୫ଟି ଏସ୍‌ଏସ୍‌ଜି ଗ୍ରୁପ ପାଖରୁ କିଛି ଟଙ୍କା ଋଣ ଆଣିଥିଲେ। ତେବେ ନିର୍ଦ୍ଧାରିତ ସମୟରେ ସେ ଋଣ କିସ୍ତି ପରିଶୋଧ କରିପାରିନଥିଲେ। ଯେଉଁଥି ପାଇଁ ତାଙ୍କ ଉପରେ ଚାପ ବଢ଼ିଥିଲା ଏବଂ ଅନେକ ସମୟରେ ସେ ବିଷାଦଗ୍ରସ୍ତ ରହୁଥିଲେ ବୋଲି ପରିବାର ଲୋକ ପୁଲିସ ନିକଟରେ ପ୍ରକାଶ କରିଛନ୍ତି। ମହେନ୍ଦ୍ରଙ୍କ ମୃତ୍ୟୁ ପରେ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଛି। ସେପଟେ ଆଜି ପ୍ରଶାସନର ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ତଦନ୍ତ ପାଇଁ ରାଜୁଆଲିବିନ୍ଧା ଯାଇଥିବା ଜଣାପଡିଛି।

TATA

**ଟାଟା ଷ୍ଟିଲ୍ ଲଙ୍ଗ ପ୍ରଡ଼କ୍ଟସ ଲିମିଟେଡ଼**

(ପୂର୍ବରୁ ଏହା ଟାଟା ସ୍ପଞ୍ଜ ଆଇରନ ଲିମିଟେଡ଼ ଥିଲା)

ସିଆଇଏନ:L27102OR1982PLC001091

ପଞ୍ଜିକୃତ କାର୍ଯ୍ୟାଳୟ: ଯୋଡ଼ା, ପୋଷ୍ଟ- ଯୋଡ଼ା, ଜି : କେଉଁଝର, ଓଡ଼ିଶା, ପିନକୋଡ୍-୭୫୮୦୩୪, ଭାରତ

ଟେଲିଫୋନ: ୯୧୬୭୬୭୨୭୮୧୭୮, ଫ୍ୟାକ୍ସ : ୯୧୬୭୬୭୨୭୮୧୨୯

ଇମେଲ୍ : investorcell@tatasteellp.com, ୱେବସାଇଟ୍: www.tatasteellp.com

**୩୦ ଜୁନ୍, ୨୦୨୦ ସୁଦ୍ଧା ତ୍ରୟମାସିକ ଶେଷ ପାଇଁ ଷ୍ଟାଣ୍ଡାଲୋନ ଆର୍ଥିକ ଫଳାଫଳର ବିବରଣୀ**

(ଟ. କୋଟିରେ)

| ବିବରଣୀ | ତ୍ରୟମାସିକ ଶେଷ ୩୦ ଜୁନ୍ ୨୦୨୦ | ତ୍ରୟମାସିକ ଶେଷ ୩୧ ମାର୍ଚ୍ଚ ୨୦୨୦ | ତ୍ରୟମାସିକ ଶେଷ ୩୦ ଜୁନ୍ ୨୦୧୯ | ଆର୍ଥିକ ବର୍ଷ ଶେଷ ୩୧ ମାର୍ଚ୍ଚ, ୨୦୨୦ |
|---|---|---|---|---|
| ପରିଚାଳନାରୁ ମୋଟ ଆୟ | ୬୫୩.୧୦ | ୧,୦୦୮.୩୦ | ୭୦୪.୫୯ | ୩,୪୮୯.୯୯ |
| ଅବଧି ପାଇଁ ନେଟ୍ ଲାଭ/(କ୍ଷତି) (ଟିକସ ଏବଂ ଅସାଧାରଣ ଆଇଟମ୍‌ସ ପୂର୍ବରୁ) | (୧୩୦.୦୬) | ୧.୨୨ | (୬୯.୮୬) | (୩୬୯.୧୦) |
| ଅବଧି ପାଇଁ ନେଟ୍ ଲାଭ/(କ୍ଷତି) ଟିକସ ପୂର୍ବରୁ (ଟିକସ (ଅସାଧାରଣ ଆଇଟମ୍‌ସ ପରେ) | (୧୩୦.୦୬) | (୧୩୨.୫୦) | (୮୮.୮୮) | (୫୩୦.୨୪) |
| ଅବଧି ପାଇଁ ନେଟ ଲାଭ/(କ୍ଷତି) ଟିକସ ପରେ | (୧୩୧.୩୨) | (୧୩୩.୨୫) | (୭୩.୯୪) | (୫୧୬.୨୮) |
| ଅବଧି ପାଇଁ ମୋଟ ବ୍ୟାପକ ଆୟ (ଲାଭ/(କ୍ଷତି) କୁ ତୁଳନା କରି) ଅବଧି ପାଇଁ (ଟିକସ ପରେ) ଏବଂ ଅନ୍ୟାନ୍ୟ ବ୍ୟାପକ ଆୟ (ଟିକସ ପରେ) | (୧୩୩.୬୮) | (୧୩୪.୫୫) | (୮୦.୨୪) | (୫୨୩.୩୫) |
| ପେଡ୍ ଅପ୍ ଇକ୍ୟୁଟି ସେୟାର ପୁଞ୍ଜି (ଫେସ୍ ଭାଲ୍ୟୁ ଟ.୧୦ ପ୍ରତି ସେୟାର) | ୪୫.୧୦ | ୪୫.୧୦ | ୧୫.୪୦ | ୪୫.୧୦ |
| ସଂରକ୍ଷଣ ପୁନଃମୂଲ୍ୟାୟନ ସଂରକ୍ଷଣ ବ୍ୟତୀତ | | | | ୧,୯୭୧.୫୧ |
| ନେଟ୍ ମୂଲ୍ୟ | | | | ୨,୦୧୬.୬୧ |
| ଟ.୧୦ ପ୍ରତ୍ୟେକ ସେୟାର ପ୍ରତି ବେସିକ ଅର୍ଜନ (ବାର୍ଷିକ ଭିତ୍ତିରେ ନୁହେଁ) ଟଙ୍କାରେ (ଅସାଧାରଣ ଆଇଟମ୍ ପରେ) | (୨୯.୧୨) | (୨୯.୫୫) | (୪୫.୨୦) | (୧୪୨.୮୨) |
| ଟ.୧୦ ପ୍ରତ୍ୟେକ ସେୟାର ପ୍ରତି ଡ଼ିଲୁଟେଡ଼ ଅର୍ଜନ (ବାର୍ଷିକ ଭିତ୍ତିରେ ନୁହେଁ) -ଟଙ୍କାରେ (ଅସାଧାରଣ ଆଇଟମ୍ ପରେ) | (୨୯.୧୨) | (୨୯.୫୫) | (୪୫.୨୦) | (୧୪୨.୮୨) |

**୩୦ ଜୁନ୍, ୨୦୨୦ ସୁଦ୍ଧା ତ୍ରୟମାସିକ ଶେଷ ପାଇଁ କନସୋଲିଡ଼େଟେଡ଼ ଆର୍ଥିକ ଫଳାଫଳର ବିବରଣୀ**

(ଟ. କୋଟିରେ)

| ବିବରଣୀ | ତ୍ରୟମାସିକ ଶେଷ ୩୦ ଜୁନ୍ ୨୦୨୦ | ତ୍ରୟମାସିକ ଶେଷ ୩୧ ମାର୍ଚ୍ଚ ୨୦୨୦ | ତ୍ରୟମାସିକ ଶେଷ ୩୦ଜୁନ୍ ୨୦୧୯ | ଆର୍ଥିକ ବର୍ଷ ଶେଷ ୩୧ ମାର୍ଚ୍ଚ, ୨୦୨୦ |
|---|---|---|---|---|
| ପରିଚାଳନାରୁ ମୋଟ ଆୟ | ୬୫୩.୧୦ | ୧,୦୦୮.୩୦ | ୭୦୪.୫୯ | ୩,୪୮୯.୯୯ |
| ଅବଧି ପାଇଁ ନେଟ୍ ଲାଭ/(କ୍ଷତି) (ଟିକସ ଏବଂ ଅସାଧାରଣ ଆଇଟମ୍‌ସ ପୂର୍ବରୁ) | (୧୩୦.୦୫) | ୧.୨୪ | (୬୯.୮୫) | (୩୬୯.୦୫) |
| ଅବଧି ପାଇଁ ନେଟ୍ ଲାଭ/(କ୍ଷତି) ଟିକସ ପୂର୍ବରୁ (ଟିକସ (ଅସାଧାରଣ ଆଇଟମ୍‌ସ ପରେ) | (୧୩୦.୦୫) | (୧୩୨.୪୮) | (୮୮.୮୭) | (୫୩୦.୧୯) |
| ଅବଧି ପାଇଁ ନେଟ ଲାଭ/(କ୍ଷତି) ଟିକସ ପରେ | (୧୩୧.୩୧) | (୧୩୩.୨୩) | (୭୩.୯୩) | (୫୧୬.୨୩) |
| ଅବଧି ପାଇଁ ମୋଟ ବ୍ୟାପକ ଆୟ (ଲାଭ/(କ୍ଷତି) କୁ ତୁଳନା କରି) ଅବଧି ପାଇଁ (ଟିକସ ପରେ) ଏବଂ ଅନ୍ୟାନ୍ୟ ବ୍ୟାପକ ଆୟ (ଟିକସ ପରେ) | (୧୩୩.୬୭) | (୧୩୪.୫୩) | (୮୦.୨୩) | (୫୨୩.୩୦) |
| ପେଡ୍ ଅପ୍ ଇକ୍ୟୁଟି ସେୟାର ପୁଞ୍ଜି (ଫେସ୍ ଭାଲ୍ୟୁ ଟ.୧୦ ପ୍ରତି ସେୟାର) | ୪୫.୧୦ | ୪୫.୧୦ | ୧୫.୪୦ | ୪୫.୧୦ |
| ସଂରକ୍ଷଣ ପୁନଃମୂଲ୍ୟାୟନ ସଂରକ୍ଷଣ ବ୍ୟତୀତ | | | | ୧,୯୭୧.୭୧ |
| ନେଟ୍ ମୂଲ୍ୟ | | | | ୨,୦୧୬.୮୧ |
| ଟ.୧୦ ପ୍ରତ୍ୟେକ ସେୟାର ପ୍ରତି ବେସିକ ଅର୍ଜନ (ବାର୍ଷିକ ଭିତ୍ତିରେ ନୁହେଁ) ଟଙ୍କାରେ (ଅସାଧାରଣ ଆଇଟମ୍ ପରେ) | (୨୯.୧୨) | (୨୯.୫୪) | (୪୫.୧୯) | (୧୪୨.୮୧) |
| ଟ.୧୦ ପ୍ରତ୍ୟେକ ସେୟାର ପ୍ରତି ଡ଼ିଲୁଟେଡ଼ ଅର୍ଜନ (ବାର୍ଷିକ ଭିତ୍ତିରେ ନୁହେଁ) -ଟଙ୍କାରେ (ଅସାଧାରଣ ଆଇଟମ୍ ପରେ) | (୨୯.୧୨) | (୨୯.୫୪) | (୪୫.୧୯) | (୧୪୨.୮୧) |

ସୂଚନା :

(କ) ଉପରୋକ୍ତ ସୂଚନାଟି ସେବି (ଲିଷ୍ଟିଂ ଓବ୍ଲିଗେସନ ଆଣ୍ଡ ଡ଼ିସକ୍ଲୋଜର ରିକ୍ୱାରମେଣ୍ଟସ୍) ନିୟାମକ ୨୦୧୫ର ନିୟାମକ ୩୩ ଅଧୀନରେ ଷ୍ଟକ୍ ଏକ୍ସଚେଞ୍ଜ ସହିତ ଫାଇଲ୍ କରଯାଇଥିବା ୩୦ ଜୁନ୍, ୨୦୨୦ ରେ ଶେଷ ହୋଇଥିବା ତ୍ରୟମାସିକ ଶେଷ ପାଇଁ ଷ୍ଟାଣ୍ଡାଲୋନ ଓ କନସୋଲିଡ଼େଟେଡ଼ ଫଳାଫଳର ସବିଶେଷ ଫର୍ମାଟର ନିଷ୍କର୍ଷ ପ୍ରଦାନ କରାଯାଇଛି। ୩୦ ଜୁନ୍, ୨୦୨୦ ରେ ଶେଷ ହୋଇଥିବା ତ୍ରୟମାସିକ ଶେଷ ପାଇଁ ଷ୍ଟାଣ୍ଡାଲୋନ ଓ କନସୋଲିଡ଼େଟେଡ଼ ଫଳାଫଳର ସମ୍ପୂର୍ଣ୍ଣ ଫର୍ମାଟ ଷ୍ଟକ୍ ଏକ୍ସଚେଞ୍ଜର ୱେବସାଇଟ୍ (www.nseindia.com/www.bseindia.com) ଏବଂ କମ୍ପାନୀର ୱେବସାଇଟ୍ https://www.tatasteellp.com/quarterly-results) ରେ ଉପଲବ୍ଧ।

(ଖ) ସେବି (ଲିଷ୍ଟିଂ ଓବ୍ଲିଗେସନ ଆଣ୍ଡ ଡ଼ିସକ୍ଲୋଜର ରିକ୍ୱାରମେଣ୍ଟସ୍) ନିୟାମକ ୨୦୧୫ର ନିୟାମକ ୫୨(୪) ର ଉପ ଧାରା (କ), (ଖ), (ଘ) ଏବଂ (ଙ) ରେ ଆଇଟମ୍ ପାଇଁ ଏନଏସଇ ଏବଂ ବିଏସଇ (www.nseindia.com/www.bseindia.com)କୁ ପ୍ରଯୁଜ୍ୟ ପ୍ରକାରେ ପ୍ରକାଶ କରଯାଇଛି ଏବଂ ଏହାକୁ ୟୁଆରଏଲ https://www.tatasteellp.com/quarterly-results) ରୁ ପାଇପାରିବେ।

(ଗ) ଉପରୋକ୍ତ ଫଳାଫଳଟି ୦୧ ଅଗଷ୍ଟ, ୨୦୨୦ରେ ଅନୁଷ୍ଠିତ ଏହାର ବୈଠକରେ ସମୀକ୍ଷା କମିଟି ଦ୍ୱାରା ସମୀକ୍ଷା କରାଯାଇଛି ଏବଂ ଏହା ୦୧ ଅଗଷ୍ଟ, ୨୦୨୦ ରେ ଅନୁଷ୍ଠିତ ବୈଠକରେ ନିର୍ଦ୍ଦେଶକ ମଣ୍ଡଳୀ ଦ୍ୱାରା ଅନୁମୋଦିତ ହୋଇଛି।

ନିର୍ଦ୍ଦେଶକ ମଣ୍ଡଳୀଙ୍କ ତରଫରୁ ଓ ପାଇଁ
ଆଶିଷ ଅନୁପମ
ପରିଚାଳନା ନିର୍ଦ୍ଦେଶକ

କୋଲକାତା
୦୧ ଅଗଷ୍ଟ, ୨୦୨୦

PRESSMAN

# ଧନୀ ମାଟିର ଗରିବ ମଣିଷଙ୍କୁ ଅଣଦେଖା

## ଡିଏମ୍‌ଏଫ୍, ଓମ୍‌ବାଡ୍‌ସି ପାଣ୍ଠି ବିନିଯୋଗର ବିଚିତ୍ର ଗତି

ଭୁବନେଶ୍ୱର, ୨/୮(ଇମିସ): ଦେଶର ଇସ୍ପାତ ରାଜଧାନୀ କଳିଙ୍ଗନଗର, ଅନୁଗୁଳ, ଢେଙ୍କାନାଳ ଓ ଝାରସୁଗୁଡ଼ାରେ ଥିବା ଇସ୍ପାତ ପ୍ରକଳ୍ପ ସମେତ ଜାମସେଦପୁରର ଟାଟା ଷ୍ଟିଲ୍, ଭାରତୀୟ ଇସ୍ପାତ ପ୍ରାଧିକରଣ (ସେଲ୍)ର ଅଧଡ଼ଜନେ ଷ୍ଟିଲ୍ ପ୍ଲାଣ୍ଟ ଏବଂ ଦେଶର ବିଭିନ୍ନ ଘରୋଇ ଉଦ୍ୟୋଗରେ ଥିବା ମଧ୍ୟମ ଓ ବୃହତ ଇସ୍ପାତ କାରଖାନାଗୁଡ଼ିକୁ ଅନବରତ କଞ୍ଚାମାଲ ଯୋଗାଇବା ସହ ବିଦେଶକୁ ପ୍ରଭୂତ ଲୁହାପଥର, ମାଙ୍ଗାନିଜ୍ ରପ୍ତାନୀ ହେଉଛି କେନ୍ଦୁଝରର ଓ ସୁନ୍ଦରଗଡ଼ ଜିଲ୍ଲାର ଖଣି ଅଞ୍ଚଳରୁ। ସେହିପରି ସାରା ଦେଶରେ ତାପଜ ବିଦ୍ୟୁତ ଉତ୍ପାଦନ ନିମନ୍ତେ କୋଇଲା ଯୋଗାଉଛି ଅନୁଗୁଳ, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲା। ଉଚ୍ଚମାନର ଆଲୁମିନିୟମ୍ ଉତ୍ପାଦନ ପାଇଁ ଅବିଭକ୍ତ କୋରାପୁଟ ଜିଲ୍ଲାର ମାଟିତଳୁ ଉତ୍ତୋଳିତ ହେଉଛି ବକ୍ସାଇଟ୍। ଜାତୀୟ ସ୍ତରରେ ନିଯୁକ୍ତି ସୃଷ୍ଟି ସାଙ୍ଗକୁ କେନ୍ଦ୍ର ଓ ରାଜ୍ୟ ପ୍ରଭୂତ ରାଜସ୍ୱ ପାଆନ୍ତି ଓଡ଼ିଶା ମାଟିର ଖଣିଜ ସଂପଦରୁ। ମାତ୍ର ବିଡ଼ମ୍ବନା ହେଲା-ଏହି ଧନୀ ମାଟିର ଅମୃତସନ୍ତାନମାନେ କାହିଁ କେଉଁ କାଳରୁ ଦରିଦ୍ର। କେନ୍ଦୁଝରର ଓ ସୁନ୍ଦରଗଡ଼ ଜିଲ୍ଲାରେ ଦାରିଦ୍ର୍ୟ ସୀମା ରେଖା ତଳେ (ବିପିଏଲ୍) ପରିବାରଙ୍କ ହାର ଯଥାକ୍ରମେ ୫୮% ଓ ୫୯%ରୁ ଅଧିକ। ଅବିଭକ୍ତ କୋରାପୁଟ ଜିଲ୍ଲାରେ ସେମାନଙ୍କ ହାର ୭୦%ରୁ ଅଧିକ। କେନ୍ଦୁଝର ଜିଲ୍ଲାରେ ୯୦.୬% ପରିବାରରେ ଜଣେ ଲେଖାଏଁ ସଦସ୍ୟଙ୍କ ମାସିକ ରୋଜଗାର ୫ ହଜାର ଟଙ୍କାରୁ କମ୍, ମାତ୍ର ୫.୨% ପରିବାରର ଜଣେ ଲେଖାଏଁ ୫ ହଜାର ଟଙ୍କାରୁ ଅଧିକ ଓ ୧୦ ହଜାର ଟଙ୍କାରୁ କମ୍ ରୋଜଗାର କରୁଥିବା ବେଳେ ୪.୨% ପରିବାରର ଜଣେ ସଭ୍ୟ ୧୦ ହଜାର ଟଙ୍କାରୁ ଅଧିକ ରୋଜଗାର କରନ୍ତି।

ଅଭିଶାପ ଅବା ଉଦାସୀନତାରୁ ହେଉ- ରାଜ୍ୟର ଖଣିଜ ଜିଲ୍ଲାଗୁଡ଼ିକ କେବଳ ଯେ ମ୍ୟାଲେରିଆ ଓ ଅନ୍ୟାନ୍ୟ ଋତୁଭିତ୍ତିକ ସଂକ୍ରମଣ ପ୍ରବଣ ତାହା ନୁହେଁ, ବରଂ ଅପପୁଷ୍ଟି ଯୋଗୁଁ ସେଠାରେ ସାଧାରଣ ସ୍ୱାସ୍ଥ୍ୟ ମାନକ ଜାତୀୟ ହାର ତୁଳନାରେ ବହୁ ନିମ୍ନରେ। କେନ୍ଦୁଝର, ସୁନ୍ଦରଗଡ଼, କୋରାପୁଟ ଓ ରାୟଗଡ଼ା ଭଳି ଖଣିଜ ଜିଲ୍ଲାରେ ହାରାହାରି ୪୪%ରୁ ଅଧିକ ଶିଶୁ ଅପପୁଷ୍ଟି ପୀଡ଼ିତ। ଏସବୁ ଜିଲ୍ଲାରେ କମ୍ ଓଜନର ଶିଶୁଙ୍କ ହାର ଯଥାକ୍ରମେ ୪୪.୩%, ୪୪.୨%, ୪୪.୪% ଓ ୪୨.୪%। ପୁଣି ଖର୍ବକାୟ ଶିଶୁଙ୍କ ହାର ଯଥାକ୍ରମେ ୪୪.୬%୩୭.୨%, ୪୩.୫% ଓ ୪୦.୩%। ସୁନ୍ଦରଗଡ଼ ଜିଲ୍ଲାରେ ୫ ବର୍ଷ ବୟସ ଯାଏ ଶିଶୁଙ୍କ ମଧ୍ୟରୁ ୭୫% ରକ୍ତହୀନତାରେ ଆକ୍ରାନ୍ତ। ସୁନ୍ଦରଗଡ଼ ଜିଲ୍ଲାରେ ଏହି ୩ଟି ମାପକାଠି ଯଥାକ୍ରମେ ୮୯.୮%, ୫.୪% ଓ ୪.୮%। ଅବିଭକ୍ତ କୋରାପୁଟର ଚିତ୍ର ଆହୁରି ଦୟନୀୟ। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ)ର କରୋନା ପୂର୍ବବର୍ତ୍ତୀ ରିପୋର୍ଟ (୨୦୧୭-୧୮) ଅନୁଯାୟୀ ଦେଶରେ ଅନ୍ତଃବିଭାଗ ରୋଗୀଙ୍କ ମୁଣ୍ଡପିଛା ଚିକିତ୍ସା ଖର୍ଚ୍ଚ ଗ୍ରାମାଞ୍ଚଳରେ ହାରାହାରି ୧୬,୬୭୬ ଟଙ୍କା ଓ ସହରାଞ୍ଚଳରେ ୨୬୪୭୫ ଟଙ୍କା। ଓଡ଼ିଶାରେ ଜଣେ ରୋଗୀ ପିଛା ସରକାରୀ ହସ୍ପିଟାଲରେ ୫୨୮୩ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଘରୋଇ ହସ୍ପିଟାଲରେ ତାହା ୩୦,୯୪୭ ଟଙ୍କା ଓ ଟ୍ରଷ୍ଟ ପରିଚାଳିତ ହସ୍ପିଟାଲରେ ୧୨,୨୯୫ ଟଙ୍କା। ହାରାହାରି ହିସାବରେ ରାଜ୍ୟରେ ରୋଗୀଙ୍କ ମୁଣ୍ଡପିଛା ଚିକିତ୍ସା ଖର୍ଚ୍ଚ ୧୬ ହଜାର ଟଙ୍କାରୁ ଅଧିକ। ତେଣୁ ନିମ୍ନ ଆୟକାରୀ ଗ୍ରାମାଞ୍ଚଳ ଲୋକେ ଅଧିକନ୍ତୁ ସରକାରୀ ହସ୍ପିଟାଲ ଉପରେ ନିର୍ଭରଶୀଳ। ଏଭଳି ନିରାଟ ବାସ୍ତବତା ସତ୍ତ୍ୱେ କେନ୍ଦୁଝର ଜିଲ୍ଲାରେ ମାତ୍ର ୪% ଗ୍ରାମର ୫ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚ୍‌ସି) ଥିବା ବେଳେ ୩% ଗାଁ ପାଇଁ ୧୦ କିମି ବ୍ୟାସାର୍ଦ୍ଧ ମଧ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି) ଉପଲବ୍ଧ। ସୁତରାଂ ୯୬% ଗ୍ରାମର ଅଧିବାସୀଙ୍କ ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଅପହଞ୍ଚ। ସୁନ୍ଦରଗଡ଼ ଜିଲ୍ଲାର ଅଧିକାଂଶ ଅଞ୍ଚଳ ଦୁର୍ଗମ ହୋଇଥିବାରୁ ସେଠାରେ ଏହି ସ୍ଥିତି ଅଧିକ ନୈରାଶ୍ୟଜନକ। ପୁଣି ଉଭୟ ଜିଲ୍ଲାରେ ପିଏଚ୍‌ସି, ସିଏଚ୍‌ସି ଓ ଉପଖଣ୍ଡ ଚିକିତ୍ସାଳୟରେ ୨୫୦ରୁ ଅଧିକ ଡାକ୍ତର ପଦ ଖାଲିପଡ଼ିଛି।

ଖଣିଜ ଲାଭରେ କ୍ଷଣି କ୍ଷତିଗ୍ରସ୍ତଙ୍କୁ ଅଂଶୀଦାର କରିବା ଲକ୍ଷ୍ୟରେ ସଂଶୋଧିତ 'ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ଆଇନ-୨୦୧୫' ଆଧାରରେ ୫ ବର୍ଷ ତଳୁ ଗଠିତ ହୋଇଛି ଜିଲ୍ଲା ଖଣିଜ ଫାଉଣ୍ଡେସନ୍ (ଡିଏମ୍‌ଏଫ୍)। ଖଣିଜ ରୟାଲ୍‌ଟିର ୩୦% ଆସୁଛି ଡିଏମ୍‌ଏଫ୍ ପାଣ୍ଠିକୁ। ଦେଶରେ ବିଭିନ୍ନ ଖଣିଜ ଜିଲ୍ଲାର ଡିଏମ୍‌ଏଫ୍‌କୁ ଇତିମଧ୍ୟରେ ୩୭ ହଜାର କୋଟି ଟଙ୍କା ଆସିଥିବା ବେଳେ ଓଡ଼ିଶାରେ ତାହା ପାଖାପାଖି ୧୦ ହଜାର କୋଟି। ଖଣି କ୍ଷତିଗ୍ରସ୍ତଙ୍କ ଜୀବିକା, ରୋଜଗାରକୁ ନିଶ୍ଚିତ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ଭିତ୍ତିଭୂମି ବିକାଶ ଲାଗି ଏହି ପାଣ୍ଠିକୁ ଅଗ୍ରାଧିକର ଭିତ୍ତିରେ ବିନିଯୋଗ କରିବାକୁ ସୁପ୍ରିମ୍ କୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଥିଲେ ମଧ୍ୟ ବାସ୍ତବରେ ତାହା ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚୁ ନାହିଁ। ଜାତୀୟ ଇସ୍ପାତ ଅଭିବୃଦ୍ଧିର ମୁଖ୍ୟ ବାହକ ତଥା ଉଭୟ ରାଜ୍ୟ ଓ କେନ୍ଦ୍ରକୁ ପ୍ରଭୂତ ଖଣି ରାଜସ୍ୱ ଦେଉଥିବା କେନ୍ଦୁଝର ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ନୈରାଶ୍ୟଜନକ ଚିତ୍ର ଏଠାରେ ପ୍ରଣିଧାନସାପେକ୍ଷ।

ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ଯେ କୌଣସି ପ୍ରଜା ମଙ୍ଗଳ ରାଷ୍ଟ୍ରର ନୈତିକ ତଥା ପ୍ରାଥମିକ କର୍ତ୍ତବ୍ୟ ହୋଇଥିବାରୁ ସ୍ୱାସ୍ଥ୍ୟ ସେବାର ସମ୍ପ୍ରସାରଣ ଲାଗି ବାର୍ଷିକ ବଜେଟ୍‌ରେ ଅର୍ଥ ବରାଦ ହୋଇଥାଏ। ଏହା ବ୍ୟତିରେକ କେନ୍ଦୁଝର ଓ ସୁନ୍ଦରଗଡ଼ ସମେତ ଅନ୍ୟାନ୍ୟ ଖଣିଜ ଜିଲ୍ଲାରେ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇଁ ଗତ ୫ ବର୍ଷ ଧରି ଅର୍ଥର ଅଭାବ ନାହିଁ। ରାଜ୍ୟର ବିଭିନ୍ନ ଖଣିଜ ଜିଲ୍ଲାରେ ଗଠିତ ଡିଏମ୍‌ଏଫ୍‌ରେ ଗତ ମାର୍ଚ୍ଚ ସୁଦ୍ଧା ୯,୭୭୨ କୋଟି ଟଙ୍କା ଆସିଥିବା ବେଳେ ସେଥିରେ କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାର ଅବଦାନ ୬୫%ରୁ ଅଧିକ। ଏହି ସମୟ ମଧ୍ୟରେ ସେଥିରୁ ୩୧୦୦ କୋଟି ଟଙ୍କା ବିଭିନ୍ନ ପ୍ରକଳ୍ପ ବାବଦରେ ଖର୍ଚ୍ଚ ହୋଇଛି। ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନଭାର୍ଣ୍ଣମେଣ୍ଟ (ସିଏସ୍‌ଇ) ରିପୋର୍ଟ ଅନୁସାରେ କରୋନା ସଂକ୍ରମଣର ପୂର୍ବରୁ ସ୍ୱାସ୍ଥ୍ୟ ସେବା ବାବଦରେ ସରକାର ଡିଏମ୍‌ଏଫ୍ ପାଣ୍ଠିର ମାତ୍ର ୧୫% ଖର୍ଚ୍ଚ କରିଛନ୍ତି; ତହିଁରେ ପ୍ରସ୍ତାବିତ କେନ୍ଦୁଝର ମେଡ଼ିକାଲ କଲେଜ ବାବଦ ଅନୁଦାନ ଅନ୍ତର୍ଭୁକ୍ତ। ପୁଣି ବେଆଇନ ଖଣି କାର୍ଯ୍ୟକଳାପ ପାଇଁ ଜରିମାନା ଅସୁଲ କରିବାକୁ ସୁପ୍ରିମ୍ କୋର୍ଟ ଦେଇଥିବା ରାୟ ଆଧାରରେ ଓଡ଼ିଶାକୁ ବୋନସ୍ ସଦୃଶ ମିଳିଛି ଆଉ ୧୭ ହଜାର କୋଟି ଟଙ୍କା। ସେଥିରେ କେନ୍ଦୁଝର ଜିଲ୍ଲାର ଅବଦାନ ପାଖାପାଖି ୧୨ ହଜାର କୋଟି ଟଙ୍କା ହୋଇଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲାରୁ ସାଢ଼େ ୪ ହଜାର କୋଟି ଓ ଅବଶିଷ୍ଟ ମୟୁରଭଞ୍ଜ ଜିଲ୍ଲାରୁ ଜରିମାନା ବାବଦରେ ଅସୁଲ ହୋଇଛି। ମୁଖ୍ୟତଃ ଏହି ୩ ଜିଲ୍ଲାର ଖଣି କ୍ଷତିଗ୍ରସ୍ତ ଅଞ୍ଚଳରେ ଜୀବିକା, ଉପାର୍ଜନ ବୃଦ୍ଧି ନିମନ୍ତେ କୌଶଳ ବିକାଶ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଆର୍ଥିକ ବିକାଶ ସକାଶେ ଅଗ୍ରାଧିକାର ଭିତ୍ତିରେ ଏହି ଟଙ୍କାର ସଦୁପଯୋଗ କରିବାକୁ ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଗଠିତ ହୋଇଛି 'ଓଡ଼ିଶା ଖଣିଜ ଅଞ୍ଚଳ ବିକାଶ ନିଗମ' (ଓମ୍‌ବାଡ୍‌ସି) ନାମରେ ସ୍ୱତନ୍ତ୍ର ଉଦ୍ଦେଶ୍ୟ ନିର୍ବାହ ସଂସ୍ଥା (ଏସ୍‌ପିଭି)। ସୁତରାଂ ଖଣି କ୍ଷତିଗ୍ରସ୍ତଙ୍କ ସମେତ ଖଣିଜ ଜିଲ୍ଲାଗୁଡ଼ିକରେ ସାମାଜିକ-ଆର୍ଥିକ ବିକାଶ ନିମନ୍ତେ ଉଭୟ ପାଣ୍ଠିରେ ବିପୁଳ ଅର୍ଥ ଗଚ୍ଛିତ ଅଛି। ମାତ୍ର ବିଡ଼ମ୍ବନା ହେଲା-ଉଭୟ ପାଣ୍ଠିରୁ ସିଂହଭାଗ ବିନିଯୋଗ ହେଉଛି ସହରାଞ୍ଚଳରେ; ଯାହା ଖଣି କ୍ଷତିଗ୍ରସ୍ତଙ୍କ ହିତରେ ଆଦୌ ଉଦ୍ଦିଷ୍ଟ ନୁହେଁ।

ମୋଟାମୋଟି ଭାବେ ସରକାରୀ ଉପେକ୍ଷା ଯୋଗୁଁ ଖଣିଜ ଜିଲ୍ଲାଗୁଡ଼ିକରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ସୁଧୁରି ନଥିବା ବେଳେ ସାମ୍ପ୍ରତିକ କରୋନା ସଂକ୍ରମଣ ସ୍ପର୍ଶକାତର ପରିସ୍ଥିତି ସୃଷ୍ଟି କରିଛି। ଅତିରିକ୍ତ ପାଣ୍ଠିର ଅଭାବ ନାହିଁ, ଅଥଚ ଏସବୁ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ସୁଧାର ଓ ମାନବ ସମ୍ବଳ ବିକାଶ ଲାଗି ସରକାରଙ୍କ ମାନବିକତା ଦୃଷ୍ଟିଭଙ୍ଗୀ ଉଦ୍ରେକ ନ ହେବାର କାରଣ କଣ? ସୂଚନାଯୋଗ୍ୟ, ଜୀବିକା ଓ କୌଶଳ ବିକାଶ ଜରିଆରେ ରୋଜଗାରକ୍ଷମ ମାନବ ସମ୍ବଳ ସୃଷ୍ଟିକୁ ଡିଏମ୍‌ଏଫ୍‌ରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିଲେ ମଧ୍ୟ ଏ ବାବଦରେ ଗତ ମାର୍ଚ୍ଚ ସୁଦ୍ଧା ଖର୍ଚ୍ଚ ହୋଇଛି ମାତ୍ର ୧୯୬ କୋଟି ଟଙ୍କା; ଯାହା ଗଚ୍ଛିତ ରାଶିର ମାତ୍ର ୨%। ପୁଣି କୌଶଳ ତାଲିମ ନାମରେ ସୁନ୍ଦରଗଡ଼ ଜିଲ୍ଲାରେ ଏହି ଅର୍ଥକୁ ମିଥ୍ୟା ବିଲ୍ ଜରିଆରେ ହରିଲୁଟ କରାଯାଉଥିବା ଖବର ଚାଞ୍ଚଲ୍ୟ ସୃଷ୍ଟି କରିଛି।